# ଟେଲିଭିଜନ ରିପୋର୍ଟିଂ କେମିତି କରିବେ

୧. ଖବର ସଂଗ୍ରହ
୨. ଖବର ଲେଖିବା
୩. ଖବର ଡାକିବା
୪. ଖବର ଫାଇଲ କରିବା ଏବଂ କ୍ୟାମେରାରେ ସିଧାସଳଖ ଖବର କହିବା
୫. ଖବର ପଠାଇବା
୬. ଖବର ତିଆରି କରିବା
୭. ଖବରକୁ ଆଗକୁ ବଢ଼ାଇବା

ରିପୋର୍ଟରଙ୍କ ଏହି ୭ଟି ମୁଖ୍ୟ କାମ ସଠିକ ଭାବେ ପରିଚାଳିତ ହେଲେ ସଫଳତା ମିଳିଥାଏ । କିନ୍ତୁ ଏଠି କେବଳ ପ୍ରଥମ ୪ ଟି ପ୍ରସଙ୍ଗରେ ସମ୍ୟକ୍ ଆଲୋଚନା କରିବା ।

**ଖବର ସଂଗ୍ରହ କେମିତି କରାଯାଏ-**

ଟେଲିଭିଜନରେ ଖବର ସଂଗ୍ରହ ଅର୍ଥ ତଥ୍ୟ ଓ ଭିଜୁଆଲ, ବାଇଟ ସଂଗ୍ରହ କରିବା ।

କ) **ତଥ୍ୟ**

ଖବର ସଂଗ୍ରହ ବେଳେ ମୁଖ୍ୟତଃ ଆମେ ଘଟଣା କଣ, କେଉଁଠି ଘଟିଛି, କେତେବେଳେ ଘଟିଛି, କିଏ ଘଟାଇଛି, କେମିତି ଘଟିଛି ଇତ୍ୟାଦି ୬ ଟି ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ବାଧ୍ୟ । ତେବେ ଏହା ବାଦ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିବାକୁ ହୁଏ । ଏହି ତଥ୍ୟ ସଂଗ୍ରହକୁ ୫ W ଏବଂ ୧ H ସୂତ୍ର ବୋଲି କୁହାଯାଏ । ଏହାକୁ ଓଡ଼ିଆରେ ୬ 'କ' ସୂତ୍ର ବୋଲି ମଧ୍ୟ କୁହାଯାଏ ।

କଣ
କେଉଁଠି
କେତେବେଳେ
କିଏ
କାହିଁକି
କେମିତି
ତେବେ କୁହାଯାଏ ନ୍ୟୁଜ ଅର୍ଥ କେବଳ ୫ ଡବ୍ଲୁ, ୧ ଏଚ୍ ନୁହେଁ ।

News is something beyond 5 W , 1H also at some point of time.

ଏହା ବ୍ୟତୀତ ଖବର ପାଇଁ ରିପୋର୍ଟରଙ୍କୁ ବହୁତ କଥା ସଂଗ୍ରହ କରିବାକୁ ପଡିଥାଏ । ଇତିହାସ, ପରିସଂଖ୍ୟାନ, ପାରିପାର୍ଶ୍ୱିକ ପରିସ୍ଥିତି, ଭୌଗୋଳିକ ଅବସ୍ଥିତି, ରାଜନୈତିକ ଇଚ୍ଛାଶକ୍ତି, ପ୍ରଶାସନିକ ମନୋଭାବ, ହସ, କାନ୍ଦ, ଆନନ୍ଦ, ଉଲ୍ଲାସ, ଉଦାସପଣ, ଦାରିଦ୍ର୍ୟ, ଦୁର୍ନୀତି, ବିକାଶ, ଗୌରବ, ନିଆରା, ବିଜୟ, ପରାଜୟ, ପ୍ରେକ୍ଷାପଟ୍ଟ, ପ୍ରାସଂଗିକତା ଇତ୍ୟାଦି ଇତ୍ୟାଦି..

ଖ) ସୁଟିଂ ବେଳେ କେତେକ ଦିଗ ପ୍ରତି ସଚେତନ ହେବାକୁ ପଡିବ । ସେଗୁଡିକ ହେଲା

୧) ଟ୍ରାଇପଡ୍ ନିଶ୍ଚୟ ବ୍ୟବହାର କରିବେ ।
୨) ହ୍ୱାଇଟ୍ ବାଲାନ୍ସ ଓ ଫୋକସ୍ ନିଶ୍ଚୟ ଚେକ କରିବେ ।
୩) ଲାଇଟ (ସନ୍‌ଗନ, କଲ ଲାଇଟ, ମାଉଂଟ   ଲାଇଟ) ବ୍ୟବହାର କରିବା ଭୁଲିବେ ନାହିଁ ।
୪) ଆବଶ୍ୟକ ସ୍ଥଳେ ରିଫ୍ଲେକ୍ଟର ବ୍ୟବହାର କରିବେ ।
୫) ଗୋଟେ ହାତରେ ବୁମ୍ ଓ ଅନ୍ୟ ହାତରେ କ୍ୟାମେରା ଧରି ବାଇଟ୍ ନେବେ ନାହିଁ ।
୬) ବାଇଟ୍ ନେଲାବେଳେ ବ୍ୟାକ୍ ସ୍ପେସ ରଖିବେ ନାହିଁ, ସବୁବେଳେ ଲୁକସ୍ପେସ୍ ରଖିବେ ।
୭) ଗୋଟିଏ ଷ୍ଟୋରି ପାଇଁ ନେଉଥିବା ଏକାଧିକ ବାଇଟ୍ ଗୁଡିକର ମେଗ୍ନିଫିକେସନ ସମାନ ରଖିବାକୁ ଚେଷ୍ଟା କରିବେ ।
୮) ଯଦି ବ୍ୟାକ୍ ଟୁ ବ୍ୟାକ୍ ବାଇଟ୍ ବ୍ୟବହାର କରିବାର ସମ୍ଭାବନା ଥାଏ ଗୋଟିଏ ବାଇଟର ଲୁକ୍ ଡାଇରେକସନ ଅନ୍ୟ ବାଇଟ ର ଲୁକ ଡାଇରେକ୍ସନ୍‌ର ଅପୋଜିଟ କରିବାକୁ ଚେଷ୍ଟା କରିବେ ।
୯) ବାଇଟ୍ ସବୁବେଳେ ମିଡ଼୍ କ୍ଲୋଜରେ ନେବାକୁ ଚେଷ୍ଟା କରିବେ ।
୧୦) ସବୁବେଳେ କଟ୍‌ଇନ୍ ଓ କଟଓ୍ୱେଜ ସୁଟ୍ କରିବେ ।
୧୧) ନ୍ୟୁଟ୍ରାଲ ସଟ୍ ମଧ ସୁଟ୍ କରୁଥିବେ ।
୧୨) ଟେଲିଭିଜନକୁ ମିଡିୟମ ଅଫ କ୍ଲୋଜ ଅପ ବୋଲି କୁହାଯାଏ । କାରଣ ହେଉଛି ଟେଲିଭିଜନର ସ୍କ୍ରିନ ବହୁତ ଛୋଟ । ତେଣୁ ଯଥା ସମ୍ଭବ କ୍ଲୋଜ ଅପ୍ ବା ମିଡ୍ କ୍ଲୋଜ ସଟ୍‌ରେ କାମ କରିବାକୁ ହେବ । ଲଂଗ୍ ସଟ ଯେତେ ସମ୍ଭବ କମ ନେବେ ।
୧୩) ଲୋୟର ଥାର୍ଡ, ଲୋଗ ଓ ହେଡରର ପୋଜିସନ୍‌କୁ ଆଖିଆଗରେ ରଖି ବାଇଟ୍, ଇଂଟରଭ୍ୟୁ ଓ ଭିଜୁଆଲ ଫ୍ରେମ କରିବେ ।
୧୪) ପ୍ୟାନ୍, ଜୁମ୍, ଟିଲ୍ଟ ଅପ୍, ଟିଲ୍ଟ ଡାଉନ୍ ସଟ ଯେତେ କମ ହୋଇପାରିବ ସେତେ ଭଲ ।
୧୫) ବ୍ଲକ ସଟ୍ ସବୁଠୁ ଭଲ ।
୧୬) ପ୍ୟାନ୍ ଜୁନ୍, ଟିଲ୍ଟ ଅପ୍, ଟିଲ୍ଟ ଡାଉନ ସଟ୍ ଡାଉନ ସଟ ଯଦି ନେବା ଜରୁରୀ ହୁଏ ତାହାହେଲେ ଏହାର ସର୍ବୋଚ ସମୟସୀମା ୮ ସେକେଣ୍ଡ ବା ୧୦ ସେକେଣ୍ଡ ରଖନ୍ତୁ ।
୧୭) ଭିଜୁଆଲ ସୁଟିଂ ବେଳ ଆମ୍ବିଆନ୍ସ (ଚ୍ୟାନେଲ ଓ୍ୱାନ୍) ଅନ୍ ରଖନ୍ତୁ ।
୧୮) ସୁଟିଂ ଚାଲିଥବା ବେଳେ ଅଯଥା କଥାବାର୍ତା କରନ୍ତୁ ନାହିଁ । ଏହା ଦ୍ୱାରା ଆମ୍ବିଆନ୍ସ ବ୍ୟବହାର ଉପଯୋଗୀ ହେବେ ନାହିଁ ।
୧୯) ଅଶ୍ଳୀଳ, ରକ୍ତାକ୍ତ ଘଟଣା, ନାବାଳକ, ନାବାଳିକାଙ୍କ ଭିଜୁଆଲ ସୁଟିଂବେଳେ ଅଧିକ ସତର୍କ ହେବାକୁ ପଡିବ ।
୨୦) ଖବର ଯାହା ଯେମିତି ତାକୁ ସେମିତି ସୁଟିଂ କରିବା । କୌଣସି ଭାବରେ ନାଟ୍ୟ ରୂପାନ୍ତର ଗ୍ରହଣୀୟ ନୁହେଁ ।
୨୧) ସୂତ୍ରଟି ହେଲା ୧:୪, ଅର୍ଥାତ ଗୋଟିଏ ମିନିଟ୍‌ର ଆଉଟ୍ ପୁଟ୍ ପାଇଁ ୪ ମିନିଟର ଭିଜୁଆଲ ଆବଶ୍ୟକ ।। (ଗୋଟିଏ ସଟ୍‌ର ସମୟସୀମା ସର୍ବାଧିକ ୬ରୁ ୮ ସେକେଣ୍ଡ ରଖିବେ ।)
୨୨) ଭିଜୁଆଲ ସୁଟିଂ କରିବା ସମୟରେ , "ରୁଲ ଅଫ୍ ଥାର୍ଡ" ଆକ୍ସିସ୍ ରୁ ବା ରୁ ଅଫ ୧୮୦ ଡିଗ୍ରୀ ସମ୍ପର୍କରେ ଧାରଣା କରିବା ଆବଶ୍ୟକ ।
୨୩) ଗୋଟିଏ ମିନିଟ୍‌ର ଆଉଟ ପୁଟ ପାଇଁ କେତେ ସମୟର ଭିଜୁଆଲ୍ ଆବଶ୍ୟକ ସେ ସମ୍ପର୍କରେ ସଚେତନ ହେବା ଜରୁରୀ ।
୨୪) ଭିଜୁଆଲ, ବାଇଟ୍ କି ପିଟିସି ସୁଟ୍ କରିବା ବେଳେ ନିଶ୍ଚୟ ପ୍ରିରୋଲ ଏବଂ ପୋଷ୍ଟରୋଲ ରଖିବେ ।
୨୫) ବାଇଟ୍ ସୁଟ କରିବା ବେଳେ ହେଡ ଫୋନ ନିଶ୍ଚୟ ବ୍ୟବହାର କରନ୍ତୁ ।
୨୬)ଷ୍ଟୋରୀ ପାଇଁ କେଳ ଭିଜୁଆଲ କରିଦେଲେ ହେବନି । ବେଳେ ବେଳେ ଆମକୁ କିଛି ଫଟୋର ମଧ ଭିଜୁଆଲ ସୁଟ କରିବାକୁ ପଡିଥାଏ । ଫଟୋର ଭିଜୁଆଲ ସୁଟ୍ କରିବାବେଳେ ଫଟୋକୁ କେଉଁ ବ୍ୟାକଗ୍ରାଉଣ୍ଡରେ ରଖି ସୁଟ୍

କରାଯାଉଛି ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଅନେକ ସମୟରେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଆମେ ଫଟୋକୁ ଯେ କୌଣସି ସ୍ଥାନରେ ସୁଟ୍ କରିଦେଇଥାଉ । ଫଳରେ ଫଟୋ ସୁଟ ବେଳେ ଫାଙ୍କରେ ଯେଉଁ ବ୍ୟାକ୍‌ଗ୍ରାଉଣ୍ଡରେ ଟି ଦେଖାଯାଏ ତାହା ଆଖିକୁ ଭଲ ଲାଗିନଥାଏ । ତେଣୁ ଫଟୋ ସୁଟ୍ କଲାବେଳେ ଫଟୋକୁ କୌଣସି ଭଲ ବ୍ୟାକ୍‌ଗ୍ରାଉଣ୍ଡରେ ରଖି ସୁଟ କରିବେ । ସେହିଭଳି ଡକ୍ୟୁମେଂଟ, ଅନ୍ୟାନ୍ୟ କାଗଜପତ୍ର ସୁଟ୍ କଲାବେଳେ ମଧ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡିବ ।

**ଖବର କେମିତି ଲେଖିବେ**

ଖବରକାଗଜ ପାଇଁ ସ୍କ୍ରିପ୍ଟ ଲେଖିବା ଓ ଟେଲିଭିଜନ ପାଇଁ ସ୍କ୍ରିପ୍ଟ ଲେଖିବା ଭିତରେ ବହୁତ ଫରକ ଯଦିଓ ନାହିଁ କେତେକ ବିଶେଷ ଫରକ ରହିଛି । ପ୍ରଥମ କାରଣଟି ହେଲା ଖବରକାଗଜ ଭଳି ଟେଲିଭିଜନରେ ବହୁତ ଲେଖିବାର ସୁଯୋଗ ନଥାଏ । ତେଣୁ ସବୁ ତଥ୍ୟ ସହ ସଂକ୍ଷେପରେ ଖବର ଲେଖିବାର କୌଶଳଟି ଅକ୍ତିଆର କରିବାକୁ ହେବ । ଗୋଟିଏ କଥା ମନରେ ରଖିଲେ ଟେଲିଭିଜନ ସ୍କ୍ରିପ୍ଟ ସଂକ୍ଷେପ ହୋଇଯିବ । ତାହା ହେଉଛି One frame speaks thousand words . ଟେଲିଭିଜନ ଖବରଟି ବିଭିନ୍ନ ଉପାଦାନର ସମଷ୍ଟି ହୋଇଥାଏ । ଯେମିତିକି- ଭିଜୁଆଲ, ବାଇଟ୍, ଭଏସଓଭର (ସ୍କ୍ରିପ୍ଟ), ଗ୍ରାଫିକ୍ସ, ବିଜିଏମ (back ground music) , ପିଟିସି ଇତ୍ୟାଦି । ଏ ସମସ୍ତ ଉପାଦାନ, ଖବର ତଥ୍ୟ ଦିଗରେ ସେମାନଙ୍କ ଭାଗ ପ୍ରଦାନ କରିଥାନ୍ତି । ତେଣୁ କେବଳ ସ୍କ୍ରିପ୍ଟରେ ସବୁକଥା କହିବା ଦରକାର ପଡିନଥାଏ । ତେଣୁ ସ୍କ୍ରିପ୍ଟ ଲମ୍ବା କରିବାର ଆବଶ୍ୟକତା ନାହିଁ । ଟେଲିଭିଜନ ସ୍କ୍ରିପ୍ଟକୁ ଅଧିକ ରୁଚିସମ୍ପନ୍ନ କରିବା ପାଇଁ ନିମ୍ନରେ ପରାମର୍ଶ ଦିଆଗଲା ।

Some tips for scripting

1. Short and direct sentence
2. Write the way, as we wish to hear
3. Use active voice
4. Apply immediacy theory
5. Try to avoid numbers
6. Avoid mathematical symbol and roman number
7. Write for the Ear
8. Use present tense
9. Write stories about people
10. Write to video
11. Sell the story
12. Move the story forward
13. Apply inverted pyramid

୧) ଛୋଟ ଆଉ ସରଳ ବାକ୍ୟରେ କାହାଣୀ କହିବା ଭଳି । କଥା ବାର୍ତ୍ତା କରିବା ଭଳି ।

୨) ଓ, ଏବଂ, ବେଳେ, ଏଥିସହିତ, ଯେହେତୁ, ସେଥିପାଇଁ, ଏଥିପାଇଁ, ଭଳି ଶବ୍ଦ ବ୍ୟବହାର କମାଇ ଦେଲେ ବାକ୍ୟ ବଡ ହେବନାହିଁ । ଶ୍ରୁତି ମଧୁର ହେବ । ବୁଝିବା ସହଜ ହେବ ।

୩) ପ୍ରଥମେ ସମ୍ପୂର୍ଣ୍ଣ ତଥ୍ୟ ରହିବ ।

୪) ବିଶେଷ କରି ପ୍ରଥମ ପାରାଗ୍ରାଫରେ ଖବରର ୫ ଡବ୍ଲୁ ଓ ୧ ଏଚ୍ ରହିବ । ତାପରେ ଅନ୍ୟାନ୍ୟ ତଥ୍ୟ ଓ ବର୍ଣ୍ଣନା ରହିପାରେ । ଏହାକୁ ଖବର ପରିବେଷଣ କୌଶଳଟା ଓଲଟା ପିରାମିଡ ବୋଲି କୁହାଯାଏ । ଏହାର ଅର୍ଥ ହେଲା ବଡ ତଥା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଥମେ ଦେବା । ଗୁରୁତ୍ୱ ଅନୁସାରେ ତା ପଛକୁ ପଛକୁ ଅନ୍ୟ ତଥ୍ୟ ଖଞ୍ଜିବା ।

୫) ସ୍କ୍ରିପ୍ଟ ଲେଖିଲା ବେଳେ ଶବ୍ଦଚୟନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଅର୍ଥାତ ଷ୍ଟୋରୀଟି ହାର୍ଡ ନ୍ୟୁଜ ନା ସଫ୍ଟ ନ୍ୟୁଜ, ଫିଚର ନା ପଲିଟିକାଲ ଷ୍ଟୋରୀ, କ୍ରାଇମ ନା ସ୍ପୋର୍ଟ୍ସ ଷ୍ଟୋରୀ ... ଭିନ୍ନ ଭିନ୍ନ କ୍ୟାଟାଗୋରୀର ନ୍ୟୁଜ ପାଇଁ ସ୍ୱତନ୍ତ୍ର ଶବ୍ଦ ଖୋଜିବାକୁ ପଡିବ ।

୬) ଟେଲିଭିଜନରେ କୁହାଯାଏ । writing for the visuals . ଅର୍ଥାତ ଭିଜୁଆଲକୁ ଦେଖି ରିପୋର୍ଟ ଲେଖିବା । ଏହା ସତ୍ୟ । ତେବେ ସବୁବେଳେ ଏହି ନିୟମ ପାଳନ କରିବା ଜରୁରୀ ନୁହେଁ । ସବୁବେଳେ ଏହି ନିୟମ ପାଳନ କଲେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇହେବ ନାହିଁ । ତେବେ ଭିଜୁଆଲକୁ ଆଖି ଆଗରେ ରଖି ସ୍କ୍ରିପ୍ଟ ଲେଖିବା ଉଚିତ ।

୭) ସୁବିଧା ଥିଲେ ସ୍କ୍ରିପ୍ଟ ସବୁବେଳେ ଟାଇପ୍ କରି ପଠାଇବା ଉଚିତ ।

୮) ready to telecast ଢାଂଚାରେ ଲିଖିବାକୁ ଉଦ୍ୟମ କରିବା । କେବେ ମନରେ ରଖିବା ନାହିଁ ଯେ, ମୁଁ ଯାହା ଯେମିତି ଲେଖିଦେଲେ ଚଳିବ । କାରଣ ଡେସ୍କରେ ସଜଡା ଯିବ । ଅନେକ ସମୟରେ ଡେସ୍କରେ ଖବର ସଜାଡିବା ପାଇଁ ସମୟ ନଥାଏ ।

୯) ଆଷ୍ଟନ ବା ସୁପର ଲେଖିବା ବେଳେ ସତର୍କତା ଅବଲମ୍ବନ କରିବାକୁ ହେବ । ଏହି କାମଟି ତଥ୍ୟ ସଂଗ୍ରହ ବେଳେ ହିଁ ସଚେତନ ଭାବେ ନିର୍ଭୁଲ ହେବାପାଇଁ ଚେଷ୍ଟା କରିବାକୁ ହେବ ।

୧୦) ଯେଉଁ ବ୍ୟକ୍ତିଙ୍କ ବାଇଟ୍ ବା ଇଂଟରର୍ଭ୍ୟୁ ନେଇଥିବା ତାଙ୍କ ନାଁର ବନାନ ତାଙ୍କ ଦ୍ୱାରା ହିଁ ସଂଶୋଧନ କରାଇନେବା ଲାଗି ସଂକୋଚ କରିବେ ନାହିଁ ।

**ଖବର କେମିତି ଡାକିବେ**

୧) ଟେଲିଭିଜନରେ ଖବର ଡାକିବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । କାରଣ ଟେଲିଭିଜନରେ ପ୍ରତି ସେକେଣ୍ଡରେ ଓ ମିନିଟ୍‌ରେ ଖବର ଅପଡେଟ୍ ହୋଇଥାଏ । ଘଂଟାକୁ ଘଂଟା ବୁଲେଟିନ୍ ଥିବାବେଳେ ନ୍ୟୁଜ୍ ଅପଡେଟ୍ ପାଇଁ ୨୪/୭ ସ୍କ୍ରୋଲ ଚାଲିଥାଏ ।

୨) ମୁଖ୍ୟତଃ ସ୍କ୍ରଲ ପାଇଁ ବା ବ୍ରେକିଂ ପାଇଁ ଖବର ଡାକିବା ଦରକାର ପଡିଥାଏ ।

୩) ବିଶେଷ କରି ସ୍କ୍ରଲ ବା ବ୍ରେକିଂରେ କିଏ କେତେ ଆଗୁଆ ଖବର ଅପଡେଟ୍ କରିପାରୁଚି ତାକୁ ନେଇ ଟେଲିଭିଜନ ଚ୍ୟାନେଲ ଗୁଡିକ ମଧରେ ବରାବର ପ୍ରତିଯୋଗିତା ଚାଲିଥାଏ ।

୪) ଏହି ପ୍ରତିଯୋଗିତାରେ ସଫଳ ହେବାକୁ ହେଲେ ରିପୋର୍ଟର ମାନେ ସର୍ବଦା ସଜାଗ ରହିବା ଜରୁରୀ ।

୫) କେବଳ ସଜାଗ ରହି ଖବର ଆଗୁଆ ସଂଗ୍ରହ କରିଦେଲେ ବି ଖବର ଆଗୁଆ ପ୍ରସାରଣ ହୋଇଯିବ ଏମିତି ଭାବିବା ଭୁଲ । କାରଣ ପାଇଥିବା ଖବରର ଉଚିତ ପରିଚାଳନା ନକଲେ ଖବର ଆଗୁଆ ସଂଗ୍ରହ କରି ମଧ ପଛରେ ପଡିଯିବା ଆଶଂକା ରହିଛି । ଏଥିପାଇଁ ପ୍ରଥମ କଥାଟି ହେଉଛି ପ୍ରତ୍ୟେକ ରିପୋର୍ଟର ନିଜ ନିଜ ଚ୍ୟାନେଲର ଖବର ପରିଚାଳନା ବ୍ୟବସ୍ଥାଟିକୁ ସମ୍ପୂର୍ଣ୍ଣ ଭାବେ ବୁଝିବା ଦରକାର । ଯେମିତିକି ଖବର ପ୍ରଥମେ କେଉଁଠି ପହଂଚେ, କାହାର ଅନୁମୋଦନ ପରେ କେଉଁ କେଉଁ ରାସ୍ତା ଦେଇ ତାହା ପ୍ରସାରଣ ହୁଏ । ଗୋଟିଏ ଖବର ରିପୋର୍ଟର ଡାକିବାଠୁ ପ୍ରସାରଣ ହେବା ପାଇଁ କେତେ ସମୟ ନିଏ । କେଉଁ ଧରଣର ଖବର କାହାକୁ କାହାକୁ କହିବା ଆବଶ୍ୟକ । ଖବର ପ୍ରସାରଣରେ ବିଳମ୍ବ

ହେଲେ କାହା ସହିତ ଯୋଗାଯୋଗ କରିବାକୁ ହେବ । ବ୍ୟବସ୍ଥା ସମ୍ପର୍କିତ ସମସ୍ତ ଟିକିନିଖି ବିଷୟରେ ରିପୋର୍ଟର ଅବଗତ ରହିବା ଜରୁରୀ ।

୬) ପ୍ରଥମ କଥାଟି ହେଉଛି ଯେ କୌଣସି ଖବର (ଯାହା ପ୍ରସାରଣ ଯୋଗ୍ୟ ) ପ୍ରଥମେ ଇନ୍‌ପୁଟ ଡେସ୍କକୁ ଡାକିବା ଜରୁରୀ। (ଏଇଠି ବାସ୍ତବ କ୍ଷେତ୍ରରେ ଘଟୁଥିବା କେତେକ ଅସୁବିଧା ଓ ତାର ସମାଧାନ ସମ୍ପର୍କରେ ସୂଚନା ଦେବା ଜରୁରୀ । ଅନେକ ସମୟରେ ରିପୋର୍ଟର କୁହନ୍ତି ଯେ, ଇନ୍‌ପୁଟକୁ ବହୁତ ସମୟ ହେଲା ଫୋନ୍ କରୁଛି କିନ୍ତୁ ଫୋନ୍ ଏନ୍‌ଗେଜ ଆସୁଥିଲା । ଫଳରେ ଖବରଟି ଠିକ୍ ସମୟରେ ଡାକି ହେଲାନାହିଁ । ଏଭଳି ସଫେଇ ସିନା ଆମେ ପରସ୍ପର ଭିତରେ ବାଂଟିପାରିବା କିନ୍ତୁ ଦର୍ଶକଙ୍କୁ ଏହି ସଫେଇ ଦେଇପାରିବା କି ? ତେଣୁ ଏହାର ସମାଧାନ ପାଇଁ ଇନ୍‌ପୁଟ୍‌ରେ ଥିବା ଏକାଧିକ ଫୋନ୍ ନମ୍ବର ନିଜପାଖରେ ରଖିବା । କେବଳ ସେତିକି ନୁହେଁ ଇନ୍‌ପୁଟ୍ ଅବା ଆଉଟ୍‌ପୁଟର କିଛି ବରିଷ୍ଠ ସହଯୋଗୀଙ୍କ ମୋବାଇଲ ନମ୍ବର ମଧ ନିଜପାଖରେ ରଖିବା । ସର୍ବୋପରି ଲକ୍ଷ୍ୟଟି ହେଇଛି ଖବରଟି ଆଗୁଆ ପହଂଚାଇବା ।

୭) ଖବର ଡାକିବା ବେଳେ ନିଜ ସ୍ତରରେ ହିଁ ଖବରଟିକୁ ସଜାଡି ଡାକିବା ଅଭ୍ୟାସ କରନ୍ତୁ । (କାରଣ ଅସଜଡା ଖବର ଡାକିଲେ ତାକୁ ଡେସ୍କରେ ବୁଝି, ସଜାଡି ପ୍ରସାରଣ କରିବାରେ କିଛି ସମୟ ଚାଲିଯିବ ।

୮) ଯେହେତୁ ମୁଖ୍ୟତଃ ଆମେ ଖବରରଟି ସ୍କ୍ରଲ ବା ବ୍ରେକିଂ ପାଇଁ ଡାକିଥାଉ ତେଣୁ ସ୍କ୍ରଲ ଓ ବ୍ରେକିଂର କେତେକ ଆବଶ୍ୟକତା ଓ ଅସୁବିଧା ସମ୍ପର୍କରେ ସଚେତନ ହେବାକୁ ପଡିବ ।

୯) ଯେମିତିକି ଗୋଟିଏ ଲାଇନ ସ୍କ୍ରଲ ବା ବ୍ରେକିଂରେ ସର୍ବାଧିକ ୫ଟି ବା ୬ଟି ଶବ୍ଦରେ ଗଠିତ ବାକ୍ୟ ନିଆଯାଇପାରିବ । ତା ଠାରୁ ଅଧିକ ଶବ୍ଦ ବିଶିଷ୍ଟ ବାକ୍ୟ ହେଲେ ଦର୍ଶକ ତାକୁ ପଢିବାରେ ଅସୁବିଧା ସୃଷ୍ଟି ହେବ ।

୧୦) ଯଦି ୫ଟି ବା ୬ଟି ଶବ୍ଦରେ ଖବରଟି ପରିବେଷଣ କରାଯାଇପାରୁ ନାହିଁ, ତାହାହେଲେ ଦ୍ୱିତୀୟ ବାକ୍ୟରେ ଅବଶିଷ୍ଟ ତଥ୍ୟ ଦିଅନ୍ତୁ । ଅଧିକ ତଥ୍ୟ ଦେବାପାଇଁ ଚାହିଁଲେ ଆହୁରି ଅଧିକ ବାକ୍ୟ ବା ଲାଇନ ତିଆରି କରିପାରନ୍ତି । କିନ୍ତୁ ବାକ୍ୟର ଶବ୍ଦ ସଂଖ୍ୟା ବଢାଇ ପାରିବେ ନାହିଁ ।

୧୧) ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ସ୍କ୍ରଲ ବା ବ୍ରେକିଂ ପାଇଁ ଡକାଯାଉଥିବା ଖବର ଭିତରେ ୫ ଡବ୍ଲୁ ଓ ୧ ଏଚ୍ ନିହାତି ଭାବେ ରହିବା ଦରକାର । ଏହ ନଥିଲେ ସେ ତଥ୍ୟ ଖବର ପଦବାଚ୍ୟ ହେବ ନାହିଁ ।

୧୨) ଖବର ଡାକିବାବେଳେ ଉଚ୍ଚାରଣ ଉପରେ ବିଶେଷ ଧାନ ଦେବାକୁ ପଡିବ । ବିଶେଷ କରି ସଂଖ୍ୟା, ନାଁ, ଆଦି ଡାକିବାବେଳେ ଅଧିକ ସତର୍କତା ଅବଲମ୍ବନ କରିବାକୁ ହେବ ।

୧୩) ସାଧାରଣତଃ କେତେକ ଖବର ଆମେ ବୁଲେଟିନ୍ ସମୟକୁ ଆଖିଆଗରେ ରଖି ଡାକିଥାଉ ବା ପଠେଇଥାଉ । କିନ୍ତୁ ଏହା କରିବା ସଂପୂର୍ଣ୍ଣ ଭୁଲ । କାରଣ ସମସ୍ତେ ଯଦି ସେତେବେଳେ ଖବର ଡାକିବା ଆରମ୍ଭ କହିବେ ତାହେଲେ ଡେସ୍କରେ ଏକାବେଳେ ସବୁ ଖବର ପରିଚାଳନା କରିବା ଅସୁବିଧା ହେବ । ହୁଏତ କିଛି ଖବର ବାଦ୍ ପଡିଯାଇପାରେ ।

୧୪) ତେଣୁ ଯେତେବେଳେ ଖବର ପାଉଛନ୍ତି ଖବରଟିକୁ ତୁରନ୍ତ ଡେସ୍କକୁ ଜଣାଇ ଦିଅନ୍ତୁ ।

୧୫) ଆଗୁଆ ଖବର ଦେବା ପାଇଁ ଆମେ ବେଳେ ବେଳେ ବଡ ଭୁଲ କରି ବସୁ । ଇଂରାଜୀରେ ଗୋଟିଏ କଥା ଅଛି – Batter late than never . ଏହି କଥାଟିର ପ୍ରାସଙ୍ଗିକତା ଏବଂ ଗୁରୁତ୍ୱ ବିଝିବା ଦରକାର ।

୧୬) ଗୋଟିଏ ଭୁଲ ଖବର ପାଇଁ ଚ୍ୟାନେଲର ବିଶ୍ୱସନୀୟତା ପାଇଁ ବିପଦ ସୃଷ୍ଟି କରିପାରେ ।

୧୭) ବିଶେଷ କରି ଦୁର୍ଘଟଣା ମୃତାହତ ସମ୍ପର୍କିତ ଖବର ଡାକିବାବେଳେ ବିଶେଷ ସତର୍କ ହେବାକୁ ପଡିବ । କୌଣସି ଜୀବିତ ବ୍ୟକ୍ତିଙ୍କୁ ମୃତ ବୋଲି ଲେଖିବା କେବଳ ଗୋଟେ ଭୁଲ ନୁହଁ, ଅକ୍ଷମଣୀୟ ଅପରାଧ ମଧ ।

୧୮) କୋଣସି ବୈଠକରେ ବସିଥିବା ବେଳେ ସେଠି ଯଦି କିଛି ଗୁରୁତ୍ୱପୂର୍ଣ୍ଣ କଥା ଜଣାପଡିଲା ତାହେଲେ ଖବରଟି ଡାକିବା ପାଇଁ ବୈଠକ ସରିବା ପର୍ଯ୍ୟନ୍ତ ଅପେକ୍ଷା କରିବେ ନାହିଁ । ବୈଠକରେ ବସିଥାଇ ଏସଏମଏସ ଜରିଆରେ ମଧ ଖବରଟି ଜଣାଇ ଦେଇ ପାରିବେ । ଆଜିକାଲି ହ୍ୱାଟ୍‌ସଆପ୍ ଏହି ମାଧ୍ୟମକୁ ଆହୁରି ସହଜ କରିଛି ।

୧୯)	ବେଳେ ବେଳେ ରିପୋର୍ଟରମାନେ ନିଜେ ସଂଗ୍ରହ କରିଥିବା ଖବରକୁ ନଲେଖି ମନେ ରଖି ସିଧା ଡାକିଦିଅନ୍ତି । କିଛି ସମୟପରେ ଯେତେବେଳେ ରିପୋର୍ଟରଙ୍କୁ ସେ ଡାକିଥିବା ଖବର ସମ୍ପର୍କରେ ଉପୁଜିଥିବା ଦ୍ୱନ୍ଦ ଦୂରପାଇଁ ପୁଣି ପଚରାଯାଏ । ସେତେବେଳେ ସେ ମନେରଖିଥିବା ତଥ୍ୟଗୁଡିକ ଭୁଲିଯାଇଥାନ୍ତି । ରିପୋର୍ଟର ପୁଣି ନିଜ ସୋର୍ସ ସହ କଥା ହୋଇ ଦ୍ୱନ୍ଦ୍ୱ ଦୂର କରିଥାନ୍ତି । ଏହା ଫଳରେ ମଧ ଖବରଟି ଉଚିତ ସମୟରେ ପ୍ରସାରଣ ହୋଇପାରେନି ।

୨୦)	ତେଣୁ ରିପୋର୍ଟର ଯାହା ଖବର ତଥ୍ୟ ସଂଗ୍ରହ କରୁଛନ୍ତି ତାକୁ ନିଶ୍ଚୟ ଟିପି ରଖିବେ । ଫଳରେ ଏଭଳି ସମସ୍ୟା ସୃଷ୍ଟି ହେବ ନାହିଁ ।

### ଫୋନ୍ ମାଧମରେ ସିଧାସଳଖ ଖବର କୁହନ୍ତି (ଲାଇଭ୍ ଫୋନ୍ ଇନ୍ )

### ଓ

### କ୍ୟାମେରାରେ ସିଧାସଳଖ ଖବର ବିଷୟରେ ସୂଚନା ପ୍ରଦାନ କରନ୍ତି ।

ଟେଲିଭିଜନରେ କ୍ୟାମେରା ସାମ୍ନାରେ ଠିଆ ହୋଇ ରିପୋର୍ଟରଙ୍କୁ ଘଟଣାର ସବିଶେଷ ବିବରଣୀ ଦେବାକୁ ପଡିପାରେ । ସେହିଭଳି ଲାଇଭ୍ ଫୋନ ଇନ୍ ଦେବାକୁ ପଡିପାରେ । ଟେଲିଭିଜନରେ ଏହା ଅତି ନିତିଦିନିଆ କଥା । କିନ୍ତୁ ଏ କାମଟି ଯଦି ସୂଚାରୁ ରୂପେ ନହେଲେ ଦର୍ଶକଙ୍କ ପାଖରେ ହାସ୍ୟାସ୍ପଦ ହେବାକୁ ପଡେ ।

-ଅଭ୍ୟାସ ଦ୍ୱାରା ହିଁ ଏ ଦିଗରେ ସଫଳତା ମିଳିଥାଏ ।

-ଲାଇଭ ଫୋନ ଇନ ହେଉ କି ଲାଇଭ ପିଟିସି, ଘଟଣା ସମ୍ପର୍କରେ ରିପୋର୍ଟରଙ୍କ ସବିଶେଷ ତଥ୍ୟ ରହିଲେ ଏ ଦୁଇଟିଯାକ କାମରେ ସଫଳତା ମିଳିବ । ତେବେ ଆଉ କେତୋଟି ବିଷୟରେ ସଚେତନ ହେବାକୁ ପଡିବ ।

-ପ୍ରଥମ କଥା ହେଲା କ୍ୟାମେରା ଆଗକୁ ଯିବା ପୂର୍ବରୁ ବା ଫୋନ୍ ଦେବା ପୂର୍ବରୁ କିଛି ଆଗୁଆ ପ୍ରସ୍ତୁତି କରିବାକୁ ହେବ ।

-ପ୍ରସ୍ତୁତି କହିଲେ କ୍ୟାମେରା ଆଗରେ ବା ଫୋନରେ କେଉ କ୍ରମରେ ତଥ୍ୟ ଦେବେ । ତଥ୍ୟ ଗୁଡିକୁ ପ୍ରଥମେ ସଜେଇ ନ ଲେଖିଲେ ଏହି କାର୍ଯ୍ୟଟି ଠିକ୍‌ରେ ହେବନାହିଁ ।

-ଏଇଠି ମଧ ପ୍ରଥମରେ ଖବରର ୫ଡବ୍ଲୁ, ୧ ଏଚ୍ ସମ୍ପର୍କରେ ସୂଚନା ଦେବା ଜରୁରୀ ।

- ଖବର ବଡ ହେଉ କି ଛୋଟ ହେଉ କ୍ୟାମେରା ଆଗକୁ ଯିବା ପୂର୍ବରୁ ବା ଫୋନ ଦେବା ପୂର୍ବରୁ ନିଶ୍ଚୟ ଥରେ ଲେଖିଦେବା ।

-ଲେଖିବା ଅର୍ଥ ଦେଖି ଦେଖି କହିବା ନୁହେଁ ।

-କିଛି ରିପୋର୍ଟର କାଗଜରେ ଲେଖାଯାଇଥିବା ଖବରକୁ କ୍ୟାମେରା ପଛପଟେ ରଖି ତାକୁ ପଢିପଢି କୁହନ୍ତି । କିନ୍ତୁ ଏହା ସମ୍ପୂର୍ଣ୍ଣ ବର୍ଜନୀୟ ।

- ଲେଖିବା ବେଳେ କଥିତ ଭାଷାରେ ସବୁବେଳେ ଲେଖିବାକୁ ଚେଷ୍ଟା କରିବା । ଅଯଥା ପାରମ୍ପରିକ ଶବ୍ଦ ବ୍ୟବହାର କରିବା ନାହିଁ । ଯେଉଁ ଶବ୍ଦର ଅର୍ଥ ନିଜେ ଜାଣି ନାହାନ୍ତି ସେଭଳି ଶବ୍ଦ ମଧ ବ୍ୟବହାର କରିବା ନାହିଁ ।

-ଲାଇଭରେ ଭୁଲ ହୋଇଗଲେ ଏଡିଟିଂ କରିବାର ସୁଯୋଗ ନଥାଏ । ସେଥିପାଇଁ ଅଧିକ ସତର୍କ ହେବାକୁ ପଡିବ ।

-ବିଶେଷକରି କୌଣସି ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ସୂଚନା ଦେଲାବେଳେ ତାଙ୍କ ସମ୍ମାନ, ଅଧିକାର ଓ ସ୍ୱାଭିମାନ ପ୍ରତି ଆଂଚ ଆସିଲା ଭଳି କଥା କହିବା ନାହିଁ ।

-କ୍ୟାମେରା ଆଗକୁ ଯିବା ପୂର୍ବରୁ ନିଜ ଚେହେରା ଓ ପୋଷାକ ସମ୍ପର୍କରେ ସଚେତନ ରହିବା ।

-ସାଧାରଣତଃ ରିପୋର୍ଟରଙ୍କୁ ଅଚାନକ ବା ଯେକୌଣି ମୂହୁର୍ତରେ କ୍ୟାମେରା ସାମ୍ନାକୁ ଆସିବାକୁ ପଡିପାରେ । ସେଥିପାଇଁ ରିପୋର୍ଟର ନିଜକୁ ପ୍ରସ୍ତୁତ ରଖିବା ଆବଶ୍ୟକ ।

-ସବୁଠୁ ବଡକଥା କ୍ୟାମେରା ବା ଫୋନରେ ଯାହା ଖବର କହିବା ତାକୁ ଦୃଢତାର ସହ ଓ ନିର୍ଦ୍ଧିଷ୍ଟ ଭାବେ କହିବା ।

- କ୍ୟାମେରା ଆଗରେ କହିବାବେଳେ କ୍ୟାମେରାକୁ ଚାହିଁ ରହିବା । କାରଣ କଥା ସରୁ ସରୁ ରିପୋର୍ଟର ସ୍କ୍ରିନରୁ ଆଉଟ ହୋଇନଥାଏ ।

ଏସବୁ ଟେଲିଭିଜନ ସାମ୍ବାଦିକତା ସମ୍ପର୍କରେ କେତୋଟି ସାଧାରଣ କଥା । ସମସ୍ତେ ପ୍ରାୟ ଏ ସବୁ ଜାଣନ୍ତି । କିନ୍ତୁ ତାକୁ କାର୍ଯ୍ୟକ୍ଷେତ୍ରରେ ବ୍ୟବହାର କଲାବେଳେ ଭୁଲିଯାନ୍ତି । ତେବେ ଏ ସବୁ ସାଧାରଣ ହେଲେ ମଧ ଗୁଣାତ୍ମକ କ୍ଷେତ୍ରରେ ଏହା ଅତ୍ୟନ୍ତ ଉପାଦେୟ ।